ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଜୁଲାଇ, ୨୦୨୩



## ଫସଲ ବୀମା ସଚେତନତା ରଥ ଶୁଭାରମ୍ଭ

ଜି.ଉଦୟଗିରି (ଶିଶିର ପଟ୍ଟନାୟକ)–କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ ସରକାରଙ୍କ ଯୋଜନା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପ୍ରଚାର ନିମନ୍ତେ ଏକ ରଥ ଏସବିଆଇ ଜେନେରାଲ ତରଫରୁ ଜି.ଉଦୟଗିରି କୃଷି କାର୍ଯ୍ୟାଳୟଠାରୁ ବାହାରି ଅଞ୍ଚଳର ସମସ୍ତ ପଞ୍ଚାୟତକୁ ବୁଲି ଫସଲ ବିମା ଦ୍ୱାରା ମିଳୁଥିବା ସୁବିଧାକୁ ଲୋକ ଲୋଚନକୁ ଆଣିଥିଲା। ଚଳିତ ବର୍ଷ ରାଜ୍ୟ ସରକାର ସମସ୍ତ କୃଷକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ୧ ଟଙ୍କା ଲେଖାଏ ଧାର୍ଯ୍ୟ କରିଛନ୍ତି। ଏହି ରଥକୁ ଜି.ଉଦୟଗିରି ଏଡିଏଓ ସୁବାସ ଚନ୍ଦ୍ର ବେହେରା, ବିଏଓ ପ୍ରିୟଦର୍ଶିନୀ ମଲ୍ଲିକ ଶୁଭାରମ୍ଭ କରିଥିବା ବେଳେ ଏଓ କାଳୀ ପ୍ରସାଦ ସାହୁଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ଚନ୍ଦ୍ର ଶେଖର ପାଢ଼ୀ ପରିଚାଳନା କରିଥିଲେ।

# ୬ବର୍ଷ ହେଲା ହାତୀ ଗଣନା ହୋଇନି, ମଲେଣି ୫୨୬

## ହାତୀ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଜିଲାପାଳ

ଭଞ୍ଜନଗର,୨୯।୭(ବାବୁଲା ପ୍ରଧାନ):

ରାଜ୍ୟରେ ମଣିଷ ଏବଂ ବନ୍ୟପ୍ରାଣୀ ବିବାଦ ବଢ଼ୁଛି। ବିଶେଷ କରି ହାତୀ ଏବଂ ମଣିଷ ଅଧିକାଂଶ ସମୟ ମୁହାଁମୁହିଁ ହେଉଥିବା ଦେଖାଦେଉଛି। କେଉଁଠି ହାତୀ ମଣିଷକୁ ମାରୁଛି ତ ଆଉ କେଉଁଠି ଶିକାରୀ ହାତୀକୁ ମାରୁଛି। ଏଥିସହ ବିଭିନ୍ନ କାରଣ ଯୋଗୁ ରାଜ୍ୟରେ ହାତୀ ମୃତ୍ୟୁହାର ବଢ଼ିବାରେ ଲାଗିଛି। ବିଗତ ୬ବର୍ଷ ମଧ୍ୟରେ ରାଜ୍ୟରେ ବାର୍ଷିକ ହାରାହାରି ୮୦ରୁ ଉର୍ଦ୍ଧ୍ୱ ହାତୀ ମୃତ୍ୟୁବରଣ କରୁଛନ୍ତି। ୨୦୧୭ ଅପ୍ରେଲ ମାସରୁ ଶନିବାର ସୁଧା ରାଜ୍ୟରେ ୫୨୬ଟି ହାତୀ ମୃତ୍ୟୁବରଣ କରିଥିବା ତଥ୍ୟରୁ ଜଣାପଡ଼ିଛି। ଶନିବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅନଲାଇନ ମାଧ୍ୟମରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଏନେଇ ଆଲୋଚନା କରିଥିଲେ। ହାତୀ ମଣିଷ ମୁହାଁମୁହିଁକୁ ରୋକାଯିବା ସହ ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିପାରିବ ସେ ଉପରେ ଜିଲାପାଳ କହିଥିଲେ। ପ୍ରତିମାସରେ ହେବାକୁ ଥିବା ଉକ୍ତ ବୈଠକର ଆବାହକ ବ୍ରହ୍ମପୁର ଡିଏଫଓ ଅଛନ୍ତି। ଏହି ବୈଠକରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ବ୍ରହ୍ମପୁର ଡିଏଫଓ, ଚିଲିକା ଡିଏଫଓ, ଟାଟାପାୱାର, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, ପୂର୍ତ୍ତ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଭାଗନେଇ ନିଜର ମତ ରଖିଥିଲେ। ଆଗକୁ ହାତୀ ଫସଲ କ୍ଷତି କରିବାକୁ ଗାଁ ମୁହାଁ ହେବେ। ଏହି ସମୟରେ ହାତୀ ମଣିଷ ମୁହାଁମୁହିଁ ହେବାର ସମ୍ଭାବନା ରହିଛି । ତେଣୁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଉପରେ ସଚେତନତା କରାଯିବ। ଯେଉଁଠି ହାତୀ ଫସଲ କ୍ଷତି କରୁଛି ସମ୍ପୃକ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ସହାୟତା ଦେବା ବ୍ୟବସ୍ଥା କରାଯିବ। ହାତୀ କରିଡ଼ର ଅଞ୍ଚଳରେ ବିଦ୍ୟୁତ ତାର କେଉଁଠି ଓହଳି ଥିଲେ ତାହାକୁ ନିର୍ଦ୍ଧାରିତ ଉଚ୍ଚତାରେ ଟାଣିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ। ଯେଉଁଠି କେବୁଲ ତାର ଆବଶ୍ୟକ ସେଠି କେବୁଲ ତାର ଟାଣିବା ବ୍ୟବସ୍ଥା ହେବ । ଭିତ୍ତିଭୂମି ସଜାଡ଼ିବା ପାଇଁ ଯେଉଁ ଡିଭିଜନକୁ ଯେତିକି ଅର୍ଥ ଆବଶ୍ୟକ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ। ହାତୀ ସୁରକ୍ଷା ପାଇଁ ଯେଉଁ ଅଞ୍ଚଳରେ ବିଦ୍ୟୁତ୍ କାଟ ହେଉଛି ସମ୍ପୃକ୍ତ ଅଞ୍ଚଳରେ ଚୋରି ସମେତ ବିଭିନ୍ନ ପ୍ରକାର ବିଶୃଙ୍ଖଳା ହେଉଥିବା ଅଭିଯୋଗ ହେଉଛି। ତେଣୁ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ଭାବେ କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅପରପକ୍ଷରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ମେଡ଼ିକାଲ ପରିସର ଭିତରକୁ ଶନିବାର ସନ୍ଧ୍ୟାରେ ଏକ ଆହତ ହରିଣ ପଶିଆସିଥିଲା। ହରିଣଟିର ବିଭିନ୍ନ ସ୍ଥାନରେ କ୍ଷତାକ୍ତ ଚିହ୍ନ ରହିଥିଲା। କୁକୁରମାନେ ହରିଣଟିକୁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି । ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ୟବସ୍ଥା କରିଥିଲେ ମଧ ହରିଣଟିର ମୃତ୍ୟୁ ହୋଇଯାଇଛି। ୨୦୧୭ ଅପ୍ରେଲ ଏବଂ ମେ' ମାସ ମଧ୍ୟରେ ରାଜ୍ୟରେ ହାତୀ ଗଣନା ହୋଇଥିଲା। ସେ ସମୟରେ ରାଜ୍ୟରେ ୧୯୭୬ଟି ହାତୀ ଥିଲେ। ୨୦୧୭ ଅପ୍ରେଲରୁ ଶନିବାର ସୁଧା ରାଜ୍ୟରେ ୫୨୬ଟି ହାତୀ ମୃତ୍ୟୁବରଣ କରିଛନ୍ତି। ଏହିଭଳି ଗଞ୍ଜାମ ଜିଲାରେ ୨୦୧୭ ଗଣନା ଅନୁସାରେ ୫୩ଟି ହାତୀ ଥିଲେ। ୨୦୧୭ ଅପ୍ରେଲରୁ ଆଜି ସୁଧା ଜିଲାରେ ୨୪ଟି ହାତୀ ମୃତ୍ୟୁବରଣ କରିଛନ୍ତି । ଶନିବାର ସୁଧା ଉତ୍ତର ଘୁମୁସର ବନଖଣ୍ଡରେ ୪୫ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ୧୯ଟି ହାତୀ ଅଛନ୍ତି । ବ୍ରହ୍ମପୁର ବନଖଣ୍ଡର ରିପୋର୍ଟ ହସ୍ତଗତ ହୋଇନାହିଁ । ପ୍ରତି ୨ବର୍ଷକୁ ଥରେ ରାଜ୍ୟରେ ହାତୀ ଗଣନା ହେବା କଥା। କିନ୍ତୁ ୨୦୧୯ରେ କରୋନା ଯୋଗୁ ହାତୀ ଗଣନା ହୋଇପାରିନଥିଲା। ଇତିମଧ୍ୟରେ କରୋନା ଯାଇ ସ୍ୱାଭାବିକ ପରିସ୍ଥିତି ହେଲାଣି। ତଥାପି ହାତୀ ଗଣନା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି, ଯାହାକୁ ନେଇ ପରିବେଶବିତ ମାନେ ଚିନ୍ତାବ୍ୟକ୍ତ କରିଛନ୍ତି ।

## ସଂକ୍ଷେପରେ

### ପର୍ଯ୍ୟଟକଙ୍କୁ ହଇରାଣ କରୁଛନ୍ତି ଲୁଟେରା

ଖଜୁରିପଡ଼ା,୨୯।୭(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ପିଲା ସାଲୁଙ୍କି ଡ୍ୟାମରେ ଶୁକ୍ରବାର ଲୁଟେରାମାନେ ପର୍ଯ୍ୟଟକଙ୍କୁ ଆକ୍ରମଣ କରିଛନ୍ତି। ବନ୍ଧଗଡ ଅଞ୍ଚଳର କିଛି ପର୍ଯ୍ୟଟକ ମାଁ ବରାଳ ଦେବୀ ମନ୍ଦିର ଦର୍ଶନ କରିବା ପରେ ପିଲା ସାଲୁଙ୍କି ଡ୍ୟାମ ବୁଲିବାକୁ ଯାଇଥିଲେ। ସେଠାରେ ବୁଲା ବୁଲି କରିବା ସମୟରେ ଲୁଟେରା ଗ୍ୟାଙ୍ଗ ସେମାନଙ୍କୁ ମୁଣ୍ଡ ଫଟେଇ ମାଡ଼ ମାରିବା ସହିତ ମୋବାଇଲ ଫୋନ୍ ଛଡ଼େଇ ନେଇଛନ୍ତି। ପର୍ଯ୍ୟଟକମାନେ ସେମାନଙ୍କୁ ଚିହ୍ନି ନାହାନ୍ତି। ଏହିଭଳି ଆଗରୁ ଅନେକ ଲୋକଙ୍କୁ ଲୁଟେରାମାନେ ଲୁଟ କରିବା ସହିତ ମାଡ଼ ମାରିଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ତେଣୁ ଏବେ ଏହି ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକମାନେ ଆସିବା ପାଇଁ ସୁରକ୍ଷିତ ମନେ କରୁନାହାନ୍ତି। ତେଣୁ ପୋଲିସ ବାହିନୀ ଏଥିପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ହୋଇପଡିଛି।

### ବ୍ୟବସାୟିକ ଶତ୍ରୁତାରୁ କାର୍ ଲୁଟ, ୨ ଗିରଫ

ଭଞ୍ଜନଗର,୨୯।୭(ବାବୁଲା ପ୍ରଧାନ)

ଭଞ୍ଜନଗର ପୋଲିସ ଶନିବାର ଏକ କାର ଲୁଟ୍ ମାମଲାରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁର ଗଗନ ରଣା ଓ କଟକ ଜିଲା କୃଷ୍ଣପଲ୍ଲୀ ଗ୍ରାମର ରିଙ୍କୁ ବିଶ୍ୱାଳ। ଏଥିସହ ପୋଲିସ ସେମାନଙ୍କ ଠାରୁ ୨ଟି କାର ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଛି। ପ୍ରକାଶ ଯେ, ଭୁବନେଶ୍ୱର ଲୁଇସ୍‌ରୋଡ଼ ବାସିନ୍ଦା ରାକେଶ କୁମାର ସ୍ୱାଇଁଙ୍କ ସହ ଅଭିଯୁକ୍ତମାନଙ୍କ ସହ କିଛି ବ୍ୟବସାୟିକ ଶତ୍ରୁତା ଥିଲା। ଗତ ୨୪ ତାରିଖ ଦିନ ରାକେଶ କନ୍ଧମାଳ ଜିଲା ଅଭିମୁଖେ କାର ଯୋଗେ ଯାଉଥିଲେ। ଏହି ସମୟରେ ଗଗନ ଏବଂ ରିଙ୍କୁ ସମେତ ୫ଜଣ ରାକେଶଙ୍କ ପିଛା କରି ନିକଟସ୍ଥ ନିଧିଆପଲ୍ଲୀ ଛକରେ ରାକେଶଙ୍କ ଗାଡ଼ିକୁ ଅଟକାଇ କାରକୁ ଅଭିଯୁକ୍ତମାନେ ନେଇଯାଇଥିଲେ। ଏହାପରେ ପୋଲିସ ସିସିଟିଭି ଫୁଟେଜ୍ ମାଧ୍ୟମରେ ତଦନ୍ତ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଧିରେଶ ଦାସ ଜଣାଇଛନ୍ତି ।

### ଗଣେଶପୂଜା ପ୍ରସ୍ତୁତି ବୈଠକ

ଗଞ୍ଜାମ,୨୯।୭(ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ପୂଜା ପରିଚାଳନା କମିଟି ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅଜୟ କୁମାର ବାରିକି ସଭାପତିତ୍ୱରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ସଭାପତି ଭାବେ ଶ୍ରବଣ କୁମାର ବାରିକି, ଉପସଭାପତି ମନୋଜ କୁମାର ପଲାଇ, ସମ୍ପାଦକ ମନୋଜ ବିଶ୍ୱାଳ, କୋଷାଧକ୍ଷ ପ୍ରଭାତ କୁମାର ସାହୁ ଏବଂ କିଷାନ ମହାରଣାଙ୍କୁ ସର୍ବସମ୍ମତି କ୍ରମେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପୂଜା ପୂର୍ବରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ଉପଦେଷ୍ଟା ଲକ୍ଷ୍ମଣ ପଲାଇ, ଜିତେନ୍ଦ୍ର ପଲାଇ, ସୁନୀଲ କୁମାର ବିଶ୍ୱାଳ, କିରଣ କୁମାର ପଲାଇ, ମହେନ୍ଦ୍ର ପଲାଇ, ପଙ୍କଜ ପଲାଇ, ଦିଲ୍ଲୀପ ବାରିକି, ମନୋଜ ପ୍ରଧାନ, ସ୍ୱରୂପ ବାରିକି, ପ୍ରତାପ ପଲାଇ, ମାନସ ମହାରଣା ଉପସ୍ଥିତ ଥିଲେ।

# ୨୦ବର୍ଷ ପରେ ଗ୍ରାମକୁ ଫେରିବେ ପରିବାର



ଥାନାରେ ଗ୍ରାମବାସୀ, ଜର୍ଜ ପରିବାର ଓ ପୋଲିସ ମଧ୍ୟରେ ଆଲୋଚନା।

ମୋହନା,୨୯।୭(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କିର୍ତ୍ତିଙ୍ଗୀ ଗ୍ରାମର ଜର୍ଜ ପାଇକଙ୍କ ପ୍ରଥମ ସ୍ତ୍ରୀ ପ୍ରାଣ ହରାଇବା ପରେ ଉକ୍ତ ଗ୍ରାମର ମାମିନୀ ପାଇକଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କୌଣସି କାରଣକୁ ନେଇ ଜର୍ଜଙ୍କ ପରିବାରକୁ ୨୦୦୩ରେ ଗ୍ରାମବାସୀ ଗ୍ରାମରୁ ବାସନ୍ଦ କରିଥିଲେ। ତା' ପରଠାରୁ ଜର୍ଜ ଏବଂ ତାଙ୍କ ପରିବାର ମୋହନାରେ ରହି ଆଇନର ଆଶ୍ରୟ ନେଇଥିଲେ। କିନ୍ତୁ କୌଣସି ନ୍ୟାୟ ମିଳି ନ ଥିଲା। ଶନିବାର ମୋହନା ଥାନା ପରିସରରେ ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜର ସଭାପତି ଅଭୟ ପରିଛା, ଆର୍. ଉଦୟଗିରି ଏସ୍‌ଡିପିଓ ଦିଲ୍ଲୀପ କୁମାର ନାୟକ ଏବଂ ଥାନା ଅଧିକାରୀ ବସନ୍ତ ସେଠୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମବାସୀ ଏବଂ ଜର୍ଜଙ୍କ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା। ବହୁ ବୁଝାଶୁଝା ପରେ ଜର୍ଜଙ୍କ ପରିବାରକୁ ଗ୍ରାମରେ ପୁନଃ ରହିବା ପାଇଁ ଅନୁମତି ଦେଇଥିଲେ ଗ୍ରାମବାସୀ। ୨୦ ବର୍ଷ ପରେ ଗ୍ରାମକୁ ଫେରିବାର ବାଟ ଫିଟିଥିବାରୁ ଉତ୍କଳ ପାଣ ସମାଜ ଏବଂ ମୋହନା ପୋଲିସଙ୍କୁ ଧନ୍ୟବାଦ ଜଣାଇଛନ୍ତି ଜର୍ଜ ଏବଂ ତାଙ୍କ ପରିବାର ବର୍ଗ।

# ଏନ୍‌କ୍ୟୁଏଏସ୍ ପାଇଲା ବାରିକୁମ୍ପା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର

ଖଜୁରିପଡ଼ା,୨୯।୭(ବିଦୁର ବେହେରା)




ପୁରସ୍କାର ପ୍ରଦାନ କରୁଛନ୍ତି ଜିଲାପାଳ।

ଜିଲାରେ ଉତ୍ତମ ରୋଗୀ ସେବା ଯୋଗାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବାରିକୁମ୍ପା ପି.ଏଚ.ସି ଏବଂ ଗୋଛପଡା ପି.ଏଚ.ସିକୁ ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡର୍ଡ (ଜାତୀୟ ଗୁଣାତ୍ମକ ମାନକ ସେବା) ପାଇଁ ଭାରତ ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କେନ୍ଦ୍ରୀୟ ଗୁଣବତ୍ତା କମିଟି ଦ୍ୱାରା ପୁରସ୍କୃତ କରାଯାଇଥିଲା। ତାଙ୍କ ଦ୍ୱାରା ପ୍ରଦତ୍ତ ମାନପତ୍ରକୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଫୁଲବାଣୀ ସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ କାର୍ଯ୍ୟକ୍ରମରେ ବାରିକୁମ୍ପା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପୀୟୁଷ ମୋହନ ସାମଲଙ୍କୁ ପ୍ରଦାନ କରିଛନ୍ତି। ପୁରସ୍କାର ପ୍ରଦାନ ବେଳେ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିମାଇଁ ଚରଣ ବିଶି ଏବଂ ଫାର୍ମାସିଷ୍ଟ ଚନ୍ଦ୍ର ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ୧୭ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ପାଇଁ କାୟା କଳ୍ପ ଆୱାର୍ଡ ୨୦୨୨ – ୨୩ ପ୍ରଦାନ କରାଯାଇଛି। ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧିନ ବାରିକୁମ୍ପା ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାର ନବୀକରଣ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରିଛନ୍ତି। ତେଣୁ ରାଜ୍ୟରେ ୪୨୩ ଟି ପ୍ରାଥମିକ କେନ୍ଦ୍ର ମଧ୍ୟରୁ ପ୍ରାଥମିକ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିବା ସହିତ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିଛି । ମେଡିକାଲର କାର୍ଯ୍ୟକଳାପକୁ ତନଖି ଦେଖିବା ପାଇଁ ଜାତୀୟ ଟିମ ମାର୍ଚ୍ଚ ୨୫ ଓ ୨୬ ତାରିଖରେ ଦୁଇ ଦିନିଆ ଗସ୍ତରେ ମେଡ଼ିକାଲକୁ ଆସିଥିଲେ ଏବଂ ଚିକିତ୍ସା ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟ କରଣକୁ ତନଖି ଦେଖିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ମନୋଜ କୁମାର ଉପାଧ୍ୟାୟ ଓ ଜିଲା ଜାତୀୟ ମିଶନର ପରିଚାଳକ ମନୋରଞ୍ଜନ ସାହୁ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ କରୁଥିଲେ। ଜିଲା କ୍ୱାଲିଟ ମ୍ୟାନେଜର ଦୁଷ୍ମନ୍ତ କୁମାର ସୁତାର ଏହି ଟିମ୍‌କୁ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଦିଗପହଣ୍ଡି,୨୯।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଂଶତମ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଶିଶୁମାନଙ୍କୁ ସମ୍ବୋଧିତ କରିଥିଲେ। ଏଥିସହ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଏନ୍‌ଏସି କ୍ଲଷ୍ଟର ସିଆର୍‌ସିସି ଅନିଲ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ମେଳାରେ ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗରୁ ପ୍ରାୟ ୪୭୬ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ବିଷୟବସ୍ତୁକୁ ଆଧାର କରି ନିଜର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଶେଷରେ ଉଦଯାପନୀ ସମାରୋହରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଦଣ୍ଡିଶ୍ୱର ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ

କୋଦଳା,୨୯।୭(ଅମିତ କୁମାର ପଟ୍ଟନାୟକ)

ପବିତ୍ର ଶ୍ରାବଣ ଅବସରରେ କୋଦଳା ଦଣ୍ଡିଶ୍ୱର ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଏବଂ ସ୍ୱେଚ୍ଛାସେବୀ ମାନେ ଯୋଗଦେଇ ମନ୍ଦିର ପରିସରକୁ ସଫେଇ କରିଥିଲେ। ମନ୍ଦିର ପରିସରକୁ ପରିଷ୍କାର ରଖିବାକୁ ସଚେତନତା କରିଥିଲେ। ବର୍ତ୍ତମାନ ବହୁ ବୋଲବମ ଭକ୍ତ ମନ୍ଦିରକୁ ଆସୁଥିବାରୁ ମନ୍ଦିର ସଫେଇ କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଛନ୍ତି ସ୍ଥାନୀୟ ଜନସାଧାରଣ।

# 'ପିଲାଟିଏ ଗଛଟିଏ' କାର୍ଯ୍ୟକ୍ରମ



ଚାରା ରୋପଣ କରାଯାଉଛି।

ଗଞ୍ଜାମ,୨୯।୭(ବିଦ୍ୟାଧର ସାହୁ):

ଏହି ବ୍ଲକ ଅନ୍ତର୍ଗତ ପାଲୁରୁ ଜଙ୍କସନ୍ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ସହଯୋଗରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ସମ୍ପାଦକ ରଞ୍ଜନ କୁମାର ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ମାର୍ଥା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବାଳକୃଷ୍ଣ ମହାରଣା ଏବଂ ସମ୍ମାନିତ ଅତିଥି ଭାବେ ବିଜୟ କୁମାର ବିଶ୍ୱାଳ ଓ ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ସୁଦର୍ଶନ ସାହୁ ଯୋଗଦେଇ ଚାରା ରୋପଣର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ ପ୍ରଚଳନ କରାଯାଇଥିବା ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ ଅନୁଯାୟୀ ନିକଟ ଭବିଷ୍ୟତରେ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ଗୋଟିଏ ଚାରା ପ୍ରଦାନ ପାଇଁ ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମହାରଥୀ ଘୋଷଣା କରିଥିଲେ। ଶେଷରେ ଶିକ୍ଷକ ପ୍ରମୋଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରଘୁନାଥପୁର ଠାରେ ନୂତନ ଭାବେ ନିର୍ମାଣ ହେବାକୁଥିବା ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ଗୌରାଙ୍ଗ ଚରଣ ପ୍ରଧାନ, ବନ କର୍ମଚାରୀ ଚିନ୍ତାମଣୀ ବେହେରା ଓ ଶିକ୍ଷୟିତ୍ରୀ ଦିପା ଗୁରୁମା ଏବଂ ଗୁରୁବାରୀ ଗୁରୁମାଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା'ମାନେ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ ମହୋତ୍ସବ

ରମ୍ଭା,୨୯।୭(ବନବାସୀ ସେଠୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ରମ୍ଭା ଏମ.ଏସ. ଭି.ପବ୍ଲିକ ସ୍କୁଲରେ ୭୪ତମ ବନମହୋତ୍ସବ ସଭାପତି ବାନାମ୍ବର ପଲାଇଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଖଲ୍ଲିକୋଟ ତଥା ବିଶିଷ୍ଟ ପରିବେଶବିତ ଦିଲ୍ଲୀପ କୁମାର ମାର୍ଥା, ମୁଖ୍ୟବକ୍ତା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନରସିଂହ ବେହେରା, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ସ୍କୁଲ ଚେୟାରମ୍ୟାନ ବିଶ୍ୱଜିତ ଆଚାର୍ଯ୍ୟ ଯୋଗଦେଇ ଚାରାରୋପଣର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରୁ ପ୍ରକୃତି ବନ୍ଧୁ ବିଜୟ କୁମାର ବିଶ୍ୱାଳ ଅତିଥିମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ମିଶ୍ର, ସୁଦର୍ଶନ ସାହୁ, ରାମଚନ୍ଦ୍ର ବାଡତ୍ୟା, ନାରାୟଣ ନାହାକ, ରାଜେନ୍ଦ୍ର ସେନାପତି, ବିଜୟ କୁମାର ଦାଶ, ରାଜକିଶୋର ପତି, ବ୍ରଜକିଶୋର ସାହୁ, ଲମ୍ବୋଦର ମହାନ୍ତି, ବନପାଳ ଗୌରାଙ୍ଗ ଚରଣ ପ୍ରଧାନ, ରାଜା କୁମାର ରଥ, ରତନ କୁମାର ବେହେରା, ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରମୁଖ ସଭାରେ ଅଂଶଗ୍ରହଣ କରିଥିଲେ। ଅନ୍ୟପଟେ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମସ୍ତ ଅତିଥି ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ଏବଂ ଗୁରୁଜୀ ଗୁରୁମା, ଛାତ୍ରୀଛାତ୍ର ଏବଂ ବନ କର୍ମଚାରୀ ସଭା ସମାପ୍ତ ପରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ କରିଥିଲେ।

## ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଚାରା ରୋପଣ

ପୋଲସରା,୨୯।୭(ସୁବ୍ରତ ବେହେରା)

ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀମାନଙ୍କ ପକ୍ଷରୁ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ବନିତା କୁମାରୀ ଦାସଙ୍କ ଉପସ୍ଥିତିରେ ଚାରା ରୋପଣ କରାଯାଇଛି। ଏଥିରେ ଏନ୍‌ସିସି ଛାତ୍ରୀ ଜୋତ୍ସ୍ନାମଇ ଜେନା, ପ୍ରିୟଙ୍କା ପ୍ରଧାନ, ଶିବାନୀ ପାଢ଼ୀ, ଭବାନୀ ପାତ୍ର, ରିଙ୍କି ନାହାକ, ଖୋଜନୀ ନାହାକ, ଗାୟତ୍ରୀ ନାହାକ, ଇପ୍ସିତା ସେଠୀ, ଜ୍ୟୋତି ଜେନା, ପୂଜା ପ୍ରଧାନ, ଜସମିନ ସାହୁ, ସ୍ନେହଲତା ସାହୁ, ଶୁଭଶ୍ରୀ ସାହୁ, ଅଲିଭା କୁମାରୀ ପ୍ରଧାନ, ରୋଜିସ୍ମିତା ନାହାକ ପ୍ରମୁଖ ଛାତ୍ରୀ ମାନେ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

# ସମାନ ନାଗରିକ ସଂହିତା ଆଲୋଚନାଚକ୍ର

ଫୁଲବାଣୀ,୨୯।୭ (ରାକେଶ କୁମାର ରାଉତ)

ଫୁଲବାଣୀ ବନାନୀ କଳା ସଂଗମ ପରିସରରେ ସମାନ ନାଗରିକ ସଂହିତା ଲାଗୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମିଳିତ ନାଗରିକ କମିଟି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ଅରୂପ ଜେନା ଅଧ୍ୟକ୍ଷତା କରିଥିଲେ । ମିଳିତ ନାଗରିକ କମିଟିର ଆବାହକ ଅଶୋକ ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇ ଦେଶର ଆଇନ ମନ୍ତ୍ରଣାଳୟ ସମାନ ନାଗରିକ ସଂହିତା ଦେଶରେ ଲାଗୁ କରିବାକୁ ଜନମତ ଲୋଡିଥିବା କହିଥିଲେ । ସମାନ ନାଗରିକ ସଂହିତା ବା ୟୁନିଫର୍ମ ସିଭିଲ କୋଡ୍ ସାରା ଦେଶରେ ସମସ୍ତଙ୍କ ପାଇଁ ଗୋଟିଏ ଆଇନ ଲାଗୁ କରିବାକୁ ପ୍ରୟାସ କରାଯାଉଛି। ସମ୍ବିଧାନର ଧାରା ୪୪ରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ଗୋଟିଏ ଆଇନ ଲାଗୁ ହେବା ବ୍ୟବସ୍ଥା ରହିଛି, ଯାହା ସ୍ୱାଧୀନତାର ୭୬ବର୍ଷ ପରେ ମଧ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହାର ଉଦ୍ଦେଶ୍ୟ ଦୁର୍ବଳ ପଛୁଆବର୍ଗଙ୍କ ଭେଦଭାବ ଦୂରକରି ସମାନତା ଆଣିବା । ୧୮୩୫ରେ ବ୍ରିଟିଶ ସରକାର ଦେଶରେ ୟୁନିଫର୍ମ ସିଭିଲ କୋଡ୍‌ର ଆବଶ୍ୟକତା ଉପଲବ୍ଧି କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ୧୯୮୫ରେ ଶାହା ବାନୋ ତିନ ତଲାକ ମାମଲାରେ ଧର୍ମ ବାହାରେ ଭାରତୀୟ ପିଙ୍ଗଳ କୋଡ୍ ଧାରା ୧୨୫ ଅନୁସାରେ ଭରଣପୋଷଣ ଦେବାକୁ କୋର୍ଟ ରାୟ ପ୍ରକାଶ କରିଥିଲେ। ଦେଶରେ ସମାନ ନାଗରିକ ସଂହିତା ଲାଗୁ କରିବାକୁ ସରକାରଙ୍କୁ ପରାମର୍ଶ ମଧ ଦେଇଥିଲେ। ହିନ୍ଦୁ ବିବାହ ବିଚ୍ଛେଦ, ବହୁ ବିବାହ ନିଷେଧ, ଝିଅମାନଙ୍କୁ ଉତ୍ତରାଧିକାରୀ ଓ ପୈତୃକ ସମ୍ପତ୍ତିରେ ସମାନ ଭାଗୀଦାରି ଆଇନ ପାରିତ ବେଳେ ମଧ ବିରୋଧ କରାଯାଇଥିଲା। ତେଣୁ ସମାନ ନାଗରିକ ସଂହିତା ଦେଶରେ କାର୍ଯ୍ୟକାରୀ ହେବା ସ୍ୱାଗତଯୋଗ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବରିଷ୍ଠ ଆଇନଜୀବୀ ଭି. ଭି. ରାମଦାସ, ରବୀନ୍ଦ୍ର ନାଥ ମିଶ୍ର, ବିଜୟ ମହାନ୍ତି, ରମେଶ ମହାନ୍ତି, ବିରଜା ନାହାକ, ଆଇନଜୀବୀ ସଂଘ ସଭାପତି ଭଗବାନ୍ ମହାନ୍ତି, ଖବରଦାତା ସୁନିଲ ପଟ୍ଟନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର, ପୂର୍ବତନ କମାଣ୍ଡାଣ୍ଟ ନବୀନ କିଶୋର, ପଞ୍ଚାନନ କହଁର, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଣବ ମଣ୍ଡଳ, ଅଧାପକ ଦୁଷ୍ମନ୍ତ ମାର୍ଥାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବର୍ଷାରେ ଧୋଇଗଲା ରାସ୍ତା ସହ ୬ କଲ୍‌ଭର୍ଟ

## ଆର୍‌ଡି ରାସ୍ତା କାମ ନିମ୍ନମାନର

■ବାହ୍ୟ ଜଗତରୁ ବିଚ୍ଛିନ୍ନ ୧୦ରୁ ଉର୍ଦ୍ଧ୍ୱ ଗ୍ରାମ

ଫୁଲବାଣୀ/ଗୋଛାପଡ଼ା,୨୯।୭
(ରାକେଶ କୁମାର ରାଉତ/ରୋହିତ କହଁର)



କଲ୍‌ଭର୍ଟ ସମେତ ରାସ୍ତା ଧୋଇହୋଇଯାଇଛି।

କନ୍ଧମାଳ ଜିଲା ଦୁର୍ଗମ ଅଞ୍ଚଳରେ ହେଉଥିବା କାମରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଉଛି। ହେଲେ କାମର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଆର୍‌ଡି ବିଭାଗ ଉପରେ ଜନସାଧାରଣଙ୍କ ଅସନ୍ତୋଷ ସୃଷ୍ଟି ହୋଇଛି । ଏହାର ଜ୍ୱଳନ୍ତ ଉଦାହରଣ ଜିଲାର ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ସଲାଗୁଡା ପଞ୍ଚାୟତ ମୁଣ୍ଡିସାହିରୁ କିଲୁପଙ୍ଗା ରାସ୍ତାରେ ଦେଖିବାକୁ ମିଳିଛି। ବର୍ଷାରେ ନୂତନ ଭାବେ ନିର୍ମାଣ ହୋଇଥିବା ଏହି ରାସ୍ତାରେ ୬ଟି କଲ୍‌ଭର୍ଟ ଏବଂ କିଛି ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି। ଫଳରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହୋଇଛି । ୧୦ଟି ଗ୍ରାମର ଲୋକେ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଛନ୍ତି।

ଗତ ଦୁଇ ଦିନ ଧରି ଜିଲାରେ ସାମାନ୍ୟ ବର୍ଷା ଲାଗି ରହିଛି। ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ସଲାଗୁଡ଼ା ପଞ୍ଚାୟତର ମୁଣ୍ଡାସାହିରୁ–କିଲୁପଙ୍ଗା ତଥା କାଟ୍ରାମାଲା ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ କାମ ହୋଇଥିଲା। ରାସ୍ତାର ମାତ୍ର ୩ କିଲୋମିଟର ଭିତରେ ୬ଟି କଲ୍‌ଭର୍ଟ ଭାଙ୍ଗିଯିବା ସହ ରାସ୍ତା ମଧ ଧୋଇ ହୋଇ ଯାଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବ୍ୟାହତ ହୋଇଛି। ସେହିପରି ମୁଣ୍ଡାସାହି–ଗାଡ଼ିପଦର ରାସ୍ତାରେ ଦୁଇଟି କଲ୍‌ଭର୍ଟ ସମେତ ରାସ୍ତା ବର୍ଷା ଯୋଗୁ ଧୋଇ ଯାଇଛି। ଫଳରେ ଖେତାପାଙ୍କୁ, ଗାଡ଼ିପଦର, କାଶିନିପଡ଼ା, କିଲୁପଙ୍ଗା, ବୁଦାଲି ସମେତ ୧୦ରୁ ଉର୍ଦ୍ଧ୍ୱ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏହି ରାସ୍ତା ୬ ମାସ ତଳେ ନିର୍ମାଣ କରାଯାଇଥିଲା। ସାମାନ୍ୟ ବର୍ଷାରେ କିଭଳି ରାସ୍ତା ଏବଂ କଲ୍‌ଭର୍ଟ ଧୋଇ ହୋଇଗଲା ତାହାକୁ ନେଇ ସଲାଗୁଡା ସରପଞ୍ଚ ରୋହିତ କହଁରଙ୍କ ସମେତ ଅନ୍ୟମାନେ ପ୍ରଶ୍ନ ଉଠାଇଛନ୍ତି । ବାଘ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଡଙ୍ଗିମେଣ୍ଡି ଓ ଆଖପାଖ ଗ୍ରାମମାନଙ୍କୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

# ଆଧୁନିକୀକରଣ ହେବ ଛତ୍ରପୁର ରେଲୱେ ଷ୍ଟେଶନ

ଛତ୍ରପୁର, ୨୯।୭ (ସନ୍ତୋଷ ପାଢୀ)/ ବ୍ରହ୍ମପୁର (ସ୍ମୃତିରଞ୍ଜନ ମହାଳିକ)

- ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାମିଲ
- ବ୍ରହ୍ମପୁର ଷ୍ଟେଶନରେ ସିସିଟିଭି କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ
- ଅନୁଧ୍ୟାନ କଲେ ଡିଆରଏମ୍

ଅମୃତ ଭାରତ ଷ୍ଟେଶନ ଯୋଜନାରେ ଗଞ୍ଜାମ ଜିଲାର ଛତ୍ରପୁର ରେଲୱେ ଷ୍ଟେଶନ ସ୍ଥାନ ପାଇଛି । ଏହି ଯୋଜନାରେ ଛତ୍ରପୁର ଷ୍ଟେଶନର ଉନ୍ନତିକରଣ କରିବାକୁ ହାତକୁ ନିଆଯାଇଥିବା ସୂଚନା ମିଳିଛି। ଫଳରେ ଛତ୍ରପୁର ଷ୍ଟେଶନକୁ ଏକ ଆଦର୍ଶ ଷ୍ଟେଶନରେ ପରିଣତ କରିବାକୁ ବିଭିନ୍ନ ପ୍ରକଳ୍ପ କାମ ଆରମ୍ଭ ହେବ। ଶନିବାର ନୂତନ ଭାବେ ଦାୟିତ୍ୱ ନେଇଥିବା ଖୋର୍ଦ୍ଧା ଡିଆରଏମ ଏଚ୍.ଏସ. ବାଜୱା ଛତ୍ରପୁର ଷ୍ଟେଶନକୁ ତାଙ୍କ ଟିମ୍‌କୁ ନେଇ ପରିଦର୍ଶନ କରିଥିଲେ । ଛତ୍ରପୁର ଷ୍ଟେଶନର ଉନ୍ନତିକରଣ ପାଇଁ ବର୍ତ୍ତମାନ ସୁଦ୍ଧା ୨୦ କୋଟି ଟଙ୍କାର ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ସ୍ଥିର ହୋଇଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଛତ୍ରପୁର ଷ୍ଟେଶନ ପ୍ଲାଟଫର୍ମରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ହେବ। ଏଥିସହ ଷ୍ଟେଶନର ପ୍ଲାଟଫର୍ମଗୁଡିକର ସଂପ୍ରସାରଣ କରାଯିବ। ଉକ୍ତ ପ୍ରକଳ୍ପଗୁଡିକର ତ୍ୱରାନ୍ୱିତ କରିବା ପାଇଁ ଟେଣ୍ଡର ହୋଇଯାଇଥିବା ସୂଚନା ଦିଆଯାଇଥିଲା । ଫଳରେ ଏହି ଷ୍ଟେଶନରେ ଫାଲକନାମା ଭଳି ଦୂରଗାମୀ ସୁପରଫାଷ୍ଟ ଏକ୍ସପ୍ରେସ ରହଣୀରେ ସୁବିଧା ହେବ ବୋଲି କୁହାଯାଇଛି। ଏହି ଦାବିଗୁଡିକ ନେଇ ଦୀର୍ଘ ବର୍ଷ ହେଲା ରେଲୱେ କର୍ତ୍ତୃପକ୍ଷଙ୍କୁ ଜନସାଧାରଣଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଆସୁଥିଲା । ଛତ୍ରପୁର ଷ୍ଟେଶନର ପୁର୍ନଗଠନ କରାଯାଇ ଆଧୁନିକୀକରଣ ସହ ଉନ୍ନତିକରଣ ପାଇଁ ଯୋଜନା ହୋଇଛି । ଏହାର ରୂପରେଖ କ'ଣ ରହିବ ସେନେଇ ଡିଆରଏମ ଛତ୍ରପୁର ଷ୍ଟେଶନ ପରିଦର୍ଶନ କରି ଅନୁଧ୍ୟାନ କରି ତଥ୍ୟ ସଂଗ୍ରହ କରିଥିଲେ। ଛତ୍ରପୁର ଷ୍ଟେଶନ ପ୍ଲାଟଫର୍ମରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କ ଠାରୁ ମଧ୍ୟ ସେ ପଚାରି ବୁଝିଥିଲେ । ନୂତନ ଷ୍ଟେଶନ ବିଲଡିଂ ମଧ୍ୟ ନିର୍ମାଣ କରାଯିବା ଯୋଜନା ଥିବା ସୂଚନା ଦିଆଯାଇଛି । ଡିଆରଏମ୍‌ଙ୍କ ପରିଦର୍ଶନ ବେଳେ ସିନିୟର ଡିଭିଜନ ଅପରେଟିଂ ମ୍ୟାନେଜର କେ.ସମ୍ପିତ, ଛତ୍ରପୁର ଷ୍ଟେଶନ ମ୍ୟାନେଜର ଜଗଦୀଶ ବେହେରାଙ୍କ ସମେତ ବୈଷୟିକ ଟିମ୍ ଉପସ୍ଥିତ ଥିଲେ।



ଛତ୍ରପୁର ଷ୍ଟେଶନରେ ଡିଆରଏମ୍ ଅନୁଧ୍ୟାନ କରୁଛନ୍ତି ।

ସେହିପରି ବ୍ରହ୍ମପୁର ରେଳ ଷ୍ଟେଶନରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଷ୍ଟେଶନ ପରିସର ବାହାରେ ନିର୍ମାଣାଧୀନ ଯାନବାହାନ ପାର୍କିଂ ଷ୍ଟାଣ୍ଡ କାର୍ଯ୍ୟ ବୁଲି ଦେଖିଥିଲେ। ପ୍ଲାଟଫର୍ମ, ସଂରକ୍ଷଣ ଟିକଟ କେନ୍ଦ୍ର, ଟିକଟ ବୁକିଂ କେନ୍ଦ୍ର, ବନ୍ଦ ପଡିଥିବା ପାନୀୟ ଜଳ ବ୍ୟବସ୍ଥା, ପାର୍ସଲ କେନ୍ଦ୍ର ପ୍ରମୁଖ ସ୍ଥାନ ବୁଲି ଦେଖିଥିଲେ। ସଂରକ୍ଷଣ ଟିକଟ କେନ୍ଦ୍ରରେ ସିସିଟିଭି କାର୍ଯ୍ୟ କରୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଆଜକୁ ୬ ମାସ ହେବ ଏହି ସିସିଟିଭି କ୍ୟାମେରା କାର୍ଯ୍ୟ କରୁ ନ ଥିବା ନେଇ ଷ୍ଟେଶନ କର୍ତ୍ତୃପକ୍ଷ ଡିଆରଏମଙ୍କୁ ଅବଗତ କରାଇଥିଲେ। ସିସିଟିଭି କିଭଳି ଖୁବ ଶୀଘ୍ର କାର୍ଯ୍ୟକ୍ଷମ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନେଇ ଡିଆରଏମ କହିଥିଲେ। ଏହାପରେ ସେ ସାଧାରଣ ଟିକଟ ବୁକିଂ କେନ୍ଦ୍ର ଓ ପ୍ଲାଟଫର୍ମରେ ଅଚଳ ହୋଇ ପଡିଥିବା ପାନୀୟ ଜଳ ବ୍ୟବସ୍ଥା ବୁଲି ଦେଖିଥିଲେ। ଷ୍ଟେଶନରେ ଯାତ୍ରୀଙ୍କ ନିମନ୍ତେ ସୁବିଧା ସମେତ ଷ୍ଟେଶନର ଭିତ୍ତି ଭୂମିକୁ ସମୀକ୍ଷା କରିଥିବା ଡିଆରଏମ କହିଛନ୍ତି। ଷ୍ଟେସନର ଉନ୍ନତିକରଣ ନେଇ ଅର୍ଥ ମଞ୍ଜୁର ହୋଇଛି। ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମା, ଚିଫ ଟିକେଟ ଇନିସପେକ୍ଟର ବସନ୍ତ କୁମାର ଶତପଥୀଙ୍କ ସମେତ ଜିଆରପିଏଫ ଓ ଆରପିଏଫ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଦେବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

ବ୍ରହ୍ମପୁର,୨୯।୭ (ସୁବାସ ଚନ୍ଦ୍ର ପାଢ଼ୀ)



ଗିରଫ ଅଭିଯୁକ୍ତ।

ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଗିରଫ କରିଛି। ସେ ହେଉଛନ୍ତି ଗୋପାଳ ପ୍ରଧାନ (୫୦)। ଶନିବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ମାମଲା ନମ୍ବର ୨୪୫/୨୩ ରେ ଗୋପାଳଙ୍କୁ କୋର୍ଟ ଚାଲାଣ କରାଯାଇଛି। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସନ୍ଧ୍ୟାରେ ପୀଡ଼ିତାଙ୍କ ଧାରା ୧୬୪ ଅନୁସାରେ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ଗତ ୨୬ ତାରିଖ ମଧ୍ୟାହ୍ନରେ ଜନୈକା ସ୍ୱାମୀ ପରିତ୍ୟକ୍ତ ମହିଳା ଘର ଦାଣ୍ଡରେ ବସିଥିଲେ। ଗୋପାଳ ନିଜର ବାଇକରେ ସେଠାରେ ପହଞ୍ଚି ଉକ୍ତ ମହିଳାଙ୍କୁ କୌଣସି କାମ ପାଇଁ ଡାକି ଗାଡ଼ିରେ ବସାଇ ଗାଁ ମୁଣ୍ଡରେ ଥିବା ଜଗନ୍ନାଥ ମନ୍ଦିର ପଛକୁ ନେଇଥିଲେ। ସେଠାରେ ମହିଳାଙ୍କ ଅନିଚ୍ଛାସତ୍ତ୍ୱେ ତାଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ପୀଡ଼ିତା ମହିଳା ଜଣଙ୍କ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି କହିଛି।

# ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବନ ମହୋତ୍ସବ





ଅତିଥି ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରା ରୋପଣ।

ବ୍ରହ୍ମପୁର,୨୯।୭ (ସ୍ମୃତି ରଞ୍ଜନ ମହାଳିକ)

ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ସହକାରୀ ବନ ସଂରକ୍ଷକ ମନୋଜ କୁମାର ପାତ୍ର ଯୋଗ ଦେଇଥିଲେ। ବର୍ତ୍ତମାନ ବିଶ୍ୱର ପର୍ଯ୍ୟାବରଣ ସମସ୍ୟାରେ ବୃକ୍ଷରୋପଣର ଆବଶ୍ୟକତା ନେଇ ମୁଖ୍ୟ ଅତିଥି କହିଥିଲେ। ଅନ୍ୟତମ ଅତିଥି ରୂପେ ସବୁଜ ବାହିନୀ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ ପ୍ରକୃତି ସୁରକ୍ଷାର ଗୁରୁ ଦାୟିତ୍ୱ ସମସ୍ତଙ୍କ ଉପରେ ନ୍ୟସ୍ତ ଅଛି ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସର ମଧ୍ୟରେ ବିଭିନ୍ନ ମୂଲ୍ୟବାନ ବୃକ୍ଷ ଚାରା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅତିଥି ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଉପସଭାପତି ରବୀନ୍ଦ୍ର ନାଥ ଜେନା, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି, ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ଏସ. ମୋହନ ରାଓ, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଏନସିସି ଫାଷ୍ଟ ଅଫିସର ଶାନ୍ତନୁ କୁମାର ବେହେରା, ଏନସିସି ଅଫିସର ଲେଫଟେନେଣ୍ଟ ସ୍ମିତା ପଟ୍ଟନାୟକ, ସ୍କାଉଟ ତଥା ଶାରିରୀକ ଆଚାର୍ଯ୍ୟ ବ୍ରଜ କିଶୋର ଦାଶ, ଗାଇଡ ଆଚାର୍ଯ୍ୟା ପୂର୍ଣ୍ଣିମା ଆଚାର୍ଯ୍ୟଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଏବଂ ବିଦ୍ୟାଳୟର ଏନସିସି (ବାଳକ), ଏନସିସି (ବାଳିକା), ଯୁକ୍ତ ୩ ଏନସିସି (ବାଳିକା),ସ୍କାଉଟ୍, ଗାଇଡ ଓ ଇକୋ କ୍ଲବର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବିଏମ୍‌ସିର ନୂଆ ମିନି ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନକୁ ବିରୋଧ

ବ୍ରହ୍ମପୁର,୨୯।୭(ସ୍ମୃତି ରଞ୍ଜନ ମହାଳିକ)

ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ବିଏମ୍‌ସି ଜାଗାରେ ଏକ ମିନି ବସ୍‌ଷ୍ଟାଣ୍ଡ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ମିନି ବସ ଷ୍ଟାଣ୍ଡ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଡେପୁଟି ମେୟର ଇ. ବିବେକ ରେଡି, ବିଏମ୍‌ସି କମିଶନର ଜେ. ସୋନାଲ ଓ ନିଗମର ବହୁ କର୍ପୋରେଟର ଉପସ୍ଥିତ ଥିଲେ। ତେବେ ଏହି ବସ୍‌ଷ୍ଟାଣ୍ଡ ଉଦଘାଟନ ବେଳେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ମିନି ବସ ଷ୍ଟାଣ୍ଡକୁ ନେଇ କିଛି ଗାଡି ମାଲିକ ଉଦ୍‌ଘାଟନକୁ ବିରୋଧ କରିଥିଲେ। କିନ୍ତୁ ପରେ ଅତିଥିଙ୍କ ପକ୍ଷରୁ ଏହା ବସ ଷ୍ଟାଣ୍ଡ ନୁହେଁ, ବସ ପାର୍କିଂ ସ୍ଥଳ ଭାବେ ପରିବର୍ତ୍ତନ କରାଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନାଥାଉ କି, ବ୍ରହ୍ମପୁର ଷ୍ଟାଡିୟମ ସଂପ୍ରସାରଣ ନେଇ ସେଠାରେ ଦୀର୍ଘ ବର୍ଷ ଧରି ରହିଥିବା ଟ୍ରେକର ଷ୍ଟାଣ୍ଡ ସ୍ଥାନାନ୍ତରଣ ପାଇଁ ଯୋଜନା କରାଯାଇଥିଲା। ଏହାପରେ ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ଏକ ଖୋଲା ସ୍ଥାନକୁ ସଫାସୁତରା କରାଯାଇ, ସେଠାରେ ବସ୍ ପାର୍କିଂ ପାଇଁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବର୍ତ୍ତମାନ ଏଠାରେ ବସ୍ ପାର୍କିଂ ସ୍ଥଳକୁ ନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିବା ବେଳେ ଗାଡି ମାଲିକମାନେ ପାର୍କିଂ ସ୍ଥଳକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯାହାଦ୍ୱାରା ବର୍ତ୍ତମାନ ବିଏମ୍‌ସି ପକ୍ଷରୁ ନୂତନ ଭାବେ ମିନି ବସ୍‌ଷ୍ଟାଣ୍ଡ କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ଦେଖାଦେଇଛି।

# ସିଏସ୍‌ଆର ଫୋରମ ଆନୁକୂଲ୍ୟରେ ଆଲୋଚନାଚକ୍ର

ବ୍ରହ୍ମପୁର,୨୯।୭(ତନୁଶ୍ରୀ ନାହାକ)

ଓଡ଼ିଶା ସିଏସ୍‌ଆର ଫୋରମ ଭୁବନେଶ୍ୱର ଆନୁକୂଲ୍ୟରେ ଗୋପାଳପୁର ବେଳାଭୂମି ସ୍ଥିତ ହୋଟେଲ ଜନ ସମ୍ମିଳନୀ କକ୍ଷଠାରେ ଶନିବାର ଏକ ରାଜ୍ୟସ୍ତରୀୟ ଅଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସିଏସ୍‌ଆର ଫୋରମର ଅଧ୍ୟକ୍ଷ ଡ଼.ଡ଼ି.କେ ମିଶ୍ର ଅଧ୍ୟକ୍ଷତା କିରଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଉପସ୍ଥିତ ରହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଟି. ସି. ହୋତା ସାଧାରଣ ସଂଯୋଜକ, ସୁକାନ୍ତ ପଟ୍ଟନାୟକ ସିଏସଆର୍ ଫୋରମ ଆବାହକ ଓଡ଼ିଶା, ଡ଼.ଲୋପାମୁଦ୍ରା ପ୍ରିୟଦର୍ଶିନ, ଏମ୍‌ଏସ୍‌ଏମ୍‌ଇ ବ୍ରହ୍ମପୁର ମୁଖ୍ୟ ପ୍ରଫେସର ମଳୟ କୁମାର ମିଶ୍ର, ଇଂ. ରାମରାଓ, ଜଗନ୍ନାଥ ଖୁଣ୍ଟିଆ, ଡ. ପି ସୁନ୍ଦର ନାରାୟଣ ପାତ୍ର, ସଭାପତି ଓଡିଶା ପରିବେଶ ସଂସ୍ଥା ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ।





ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ୩ ରୁଟ୍‌ରେ ଓଏସ୍‌ଆରଟିସି ବସ୍‌ସେବା ବନ୍ଦ

ବ୍ରହ୍ମପୁର,୨୯।୭ (ସୁବାସ ଚନ୍ଦ୍ର ପାଢ଼ୀ)

## ମାଓବାଦୀଙ୍କ ଶହୀଦ ସପ୍ତାହ

ମାଓବାଦୀ ସଙ୍ଗଠନ ତରଫରୁ ଶୁକ୍ରବାର ଠାରୁ ଶହୀଦ ସପ୍ତାହ ପାଳନ ହୋଇଛି। ଏଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଥିପାଇଁ ଗଞ୍ଜାମ ଜିଲାରୁ ମାଓବାଦୀ ଅଞ୍ଚଳକୁ ଯାଉଥିବା ୩ଟି ରୁଟରେ ସରକାରୀ ବସ୍ ଯାତାୟତ ବନ୍ଦ କରାଯାଇଛି। ବ୍ରହ୍ମପୁରରୁ ଦୁଇଟି ରୁଟ୍‌ରେ ବସ୍ ବନ୍ଦ କରାଯାଇଥିବା ବେଳେ ଭଞ୍ଜନଗରରୁ ଗୋଟିଏ ରୁଟରେ ସରକାରୀ ବସ୍ ବନ୍ଦ କରାଯାଇଥିବା ଓଏସ୍‌ଆରଟିସି ବ୍ରହ୍ମପୁର ଡିଟିଏମ୍ ରବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଆସନ୍ତା ଅଗଷ୍ଟ ୩ରେ ବସ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ସୂଚନା ଦିଆଯାଇଛି।

ବ୍ରହ୍ମପୁରରୁ କାଶୀନଗର ଓ ବାଲିଗୁଡ଼ାକୁ ଉଭୟ ଦିଗରେ ଓଏସ୍‌ଆରଟିସି ବସ୍ ଚଳାଚଳ ବନ୍ଦ କରାଯାଇଛି। ସେହିପରି ଭଞ୍ଜନଗରରୁ ଦାରିଙ୍ଗବାଡ଼ି ଅଭିମୁଖେ ମଧ୍ୟ ଉଭୟ ଦିଗରୁ ବସ୍ ବନ୍ଦ କରାଯାଇଛି। ଘରୋଇ ବସଗୁଡ଼ିକ ଚଳାଚଳ ମଧ୍ୟ ବନ୍ଦ ରହିଛି। ତେବେ ପୋଲିସ ପକ୍ଷରୁ ଏନେଇ ମାଲିକମାନଙ୍କୁ ବସ ଚଳାଚଳ ବନ୍ଦ ନ କରିବାକୁ ନିବେଦନ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପାଟ୍ରୋଲିଂ ଚାଲିଥିବା ଯୋଗୁଁ ଭୟଭୀତ ନ ହୋଇ ବସ ଚଳାଚଳ ସ୍ୱାଭାବିକ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ତଥାପି ସରକାରୀ ବସଗୁଡ଼ିକ ହିଂସା ଭୟରେ ବନ୍ଦ ରହୁଛି। ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜର କନ୍ଧମାଳ ଓ ଗଜପତି ଜିଲାର ଦୁର୍ଗମ ଇଲାକାରେ ନକ୍ସଲ ଗତିବିଧି ରହିଛି। କନ୍ଧମାଳ-ବୌଦ୍ଧ, କନ୍ଧମାଳ-ନୟାଗଡ଼, କନ୍ଧମାଳ-କଳାହାଣ୍ଡି, କନ୍ଧମାଳ-ଗଞ୍ଜାମ ସୀମାନ୍ତ ଇଲାକାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଉଛି।

# ଲାୟନ୍ସ କ୍ଲବ୍ ବ୍ରହ୍ମପୁର ଗୋଲ୍ଡର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର,୨୯।୭ (ସ୍ମୃତିରଞ୍ଜନ ମହାଳିକ୍)

ଲାୟନ୍ସ କ୍ଲବ ବ୍ରହ୍ମପୁର ଗୋଲ୍ଡର କାର୍ଯ୍ୟକାରିଣୀ ବୈଠକ ଉତ୍କଳ ଆଶ୍ରମ ପରିସର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଅନୁଷ୍ଠିତ ବୈଠକରେ ସଭାପତି ଡ. ପୁଷ୍ପାଞ୍ଜଳି ପଢାଳ ଅଧ୍ୟକ୍ଷତା କରିଥିଲେ। କ୍ଲବର ସମ୍ପାଦିକା ଡ. ସଂଗିତା ବାବୁ ଓ କୋଷାଧ୍ୟକ୍ଷା ସ୍ୱର୍ଣ୍ଣପ୍ରଭା ମିଶ୍ର ମଞ୍ଚାସିନ ହୋଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। କ୍ଲବର ଉପସଭାପତି ଜ୍ୟୋତ୍ସ୍ନାମୟୀ ପ୍ରଧାନ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ସଭାପତି ଡ. ପଢାଳ ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବତନ ସଭାପତି ନର୍ସୁ ଜେନାଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି କ୍ଲବର ଉନ୍ନତି ଓ ଜନତାଙ୍କ ସେବା ନିୟୋଜିତ କ୍ଲବର ସମାନ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ସମ୍ପାଦିକା ସଂଗୀତା ବାବୁ ସମ୍ପାଦକୀୟ ଉପସ୍ଥାପନ କରି କ୍ଲବର ସଦସ୍ୟସଦସ୍ୟାଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ଅବଗତ କରାଇ ଅନୁଷ୍ଠାନକୁ ଅଗ୍ରଣୀ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷା ଋତୁରେ ପରିବେଶ ସୁରକ୍ଷା ନିମନ୍ତେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ଅନାଥାଶ୍ରମ ଓ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସେବା ଏବଂ ଅସହାୟଙ୍କୁ ସାହାଯ୍ୟ ସହଯୋଗ ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। କ୍ଲବର ନୂତନ ସଦସ୍ୟତା ଗ୍ରହଣ କରିଥିବା ବିଶିଷ୍ଟ ଶିକ୍ଷାବିତ ଡ. ବିନାୟକ ପଟ୍ଟନାୟକ କ୍ଲବ ପକ୍ଷରୁ ନିରବଚ୍ଛିନ୍ନ ଭାବରେ ସମାଜ ସେବା ବ୍ରତି ରହିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ପୂର୍ବତନ ସଭାପତି ଶ୍ୟାମା ପ୍ରସାଦ ପାଢ଼ୀଙ୍କ ସମେତ ଇ. ଡିଲେଷ୍ଟୁ ରେଡ୍ଡୀ, ଇଂ.ସୁରେଶ ଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ସାହୁ ଓ ଅଭିରାମ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।





ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

# ଜିଲା ମହିଳା କଂଗ୍ରେସର ବିକ୍ଷୋଭ ସମାବେଶ

## ମଣିପୁର ହିଂସା, ଲଜ୍ଜା ଘଟଣାର ପ୍ରତିବାଦ

ବ୍ରହ୍ମପୁର,୨୯।୭ (ନରସିଂହ ସାହୁ)

ଗଞ୍ଜାମ ଜିଲା ମହିଳା କଂଗ୍ରେସ ପକ୍ଷରୁ ଶନିବାର ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡରେ ବିକ୍ଷୋଭ ସମାବେଶ ହୋଇଥିଲା। ମଣିପୁର ସଂଗଠିତ ହିଂସା ଏବଂ ମହିଳାଙ୍କୁ ବିବସ୍ତ୍ର କରି ରାସ୍ତାରେ ପରେଡ଼ କରିବା ଭଳି ଲଜ୍ଜାଜନକ ଘଟଣାର ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। ଏବେ ମଧ୍ୟ ମଣିପୁର ଜଳୁଥିବା ଏବଂ ବିଭତ୍ସ ଘଟଣା ଦେଶ ଓ ବିଶ୍ୱକୁ ସ୍ତବ୍ଧ କରିଦେଇଥିବା ବେଳେ ଭାଜପା ନେତୃତ୍ୱାଧିନ ଏନଡିଏ ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୌନ ଅବତାରକୁ ଆନ୍ଦୋଳନସ୍ଥଳରେ ତୀବ୍ର ନିନ୍ଦା କରାଯାଇଥିଲା। ବିଭିନ୍ନ ଦଳର ତୁଙ୍ଗ ନେତାମାନେ ପ୍ରତିବାଦ କରୁଥିବା ବେଳେ ବିଜେଡି ଓ ଏହାର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଯାବତ୍ ମୁହଁ ଖୋଲୁନଥିବାରୁ ଭାଜପା ଓ ବିଜେଡି ଅଘୋଷିତ ମେଣ୍ଟ ପଦାରେ ପଡ଼ିଥିବା ସମାଲୋଚନା କରାଯାଇଥିଲା।

ମହିଳା କଂଗ୍ରେସର ଜିଲା ସଭାନେତ୍ରୀ ବନଜା ପଣ୍ଡା ନେତୃତ୍ୱ ନେଇଥିଲେ। ହିଂସାକୁ ରୋକିବା ଓ ନାରୀଙ୍କ ଇଜ୍ଜତ ରକ୍ଷା କରିବାରେ ବିଫଳ ହୋଇଥିବା ଭାଜପା ଶାସିତ ମଣିପୁର ରାଜ୍ୟ ମୁଖ୍ୟମନ୍ତ୍ରୀ ବିରେନ୍ଦ୍ର ସିଂ ସରକାରକୁ ରାଷ୍ଟ୍ରପତି ବରଖାସ୍ତ କରିବାକୁ ଦାବି ହୋଇଥିଲା। ଆନ୍ଦୋଳନ ସ୍ଥଳରେ ମୋଦୀ ଓ ନବୀନଙ୍କ କୁଶପୁତ୍ତଳିକା ପୋଡ଼ାଯାଇଥିଲା। ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଆଇନଜୀବୀ ପୀତବାସ ପଣ୍ଡା ଯୋଗ ଦେଇଥିଲେ। କଂଗ୍ରେସ ମହିଳା ନେତ୍ରୀ ସୁପ୍ରଭା ଦାସ, ରଞ୍ଜିତା ପ୍ରଧାନ, ସ୍ୱପ୍ନାରାଣୀ ପାଣିଗ୍ରାହୀ, ଗୀତାଞ୍ଜଳି ସାହୁ, ସୁନିତା ସାହୁ, ସବିତା ନାୟକ, ରୀନା ନାୟକ, ପଦ୍ମା ମହାରଣାଙ୍କ ସମେତ ଶତାଧିକ ନାରୀନେତ୍ରୀ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଜିଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ ଓ ତାଙ୍କ ଟିମ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଚିନ୍ମୟ କୁମାର ହୋତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଗଞ୍ଜାମ ଜିଲା ମହିଳା କଂଗ୍ରେସର ବିକ୍ଷୋଭ।

